# NATIONAL NEWS BULLETIN (ODIA)

## 24 January-2025

### Morning Bulletin : 7.15 a.m.

*****************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ଗଣତନ୍ତ୍ର ଦିବସ ସମାରୋହ କଳାକାରମାନଙ୍କ ସହ ସାକ୍ଷାତ୍ କରିବେ ପ୍ରଧାନମନ୍ତ୍ରୀ ।
- ଓ୍ୱାକ୍‌ଅଫ୍ ସଂଶୋଧନ ବିଲ୍ ଉପରେ ଆଜି ଓ ଆସନ୍ତା କାଲି ଅନୁଷ୍ଠିତ ହେବ ଯୁଗ୍ମ ସଂସଦୀୟ କମିଟି ବୈଠକ ।
- ଭାରତ ରତ୍ନ କର୍ପୂରୀ ଠାକୁରଙ୍କ ୧୦୧ତମ ଜୟନ୍ତୀ ସମାରୋହରେ ଯୋଗଦେବେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ ।
- ନିର୍ବାଚନ ପ୍ରକ୍ରିୟାରେ ଡିଜିଟାଲ ଜ୍ଞାନକୌଶଳର ଉପଯୋଗ ଉପରେ ଗୁରୁତ୍ୱ ଦେଲେ ମୁଖ୍ୟ ନିର୍ବାଚନ ଅଧିକାରୀ ।

ଏବଂ

- ମହିଳା ହକିଇଣ୍ଡିଆ ଲିଗ୍‌ର ପ୍ରଥମ ଦଳ ଭାବେ ଓଡ଼ିଶା ଓ୍ୱାରିୟର୍ସ ଫାଇନାଲକୁ ଉନ୍ନୀତ ।

# ପିଏମ୍-ଏନ୍‌ସିସି କ୍ୟାଡେଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ଏନ୍‌ସିସି କ୍ୟାଡେଟ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ୟୁଥ୍ ଏକ୍ସଚେଞ୍ଜ କାର୍ଯ୍ୟକ୍ରମର କ୍ୟାଡେଟ, ପ୍ରଜ୍ଞାପନ ମେଢ଼ କଳାକାର ଏବଂ ଆଦିବାସୀ ଅତିଥିମାନଙ୍କୁ ସାକ୍ଷାତ୍‌କରିବେ । ପ୍ରଧାନମନ୍ତ୍ରୀଙ୍କ ବାସଭବନ ଲୋକକଲ୍ୟାଣ ମାର୍ଗରେ ଏନେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏଥିରେ ପ୍ରଧାନମନ୍ତ୍ରୀ ଯେଉଁମାନେ ଚଳିତବର୍ଷ ସାଧାରଣତନ୍ତ୍ର ଦିବସ ପରେଡର ପ୍ରଜ୍ଞାପନ ମେଢ଼ ପାଇଁ କାର୍ଯ୍ୟକରୁଥିବା କଳାକାର ଓ ଏନ୍‌ସିସି କ୍ୟାଡେଟମାନଙ୍କ ସହ ଆଲୋଚନା କରିବେ ।

ଚଳିତବର୍ଷ ସାଧାରଣତନ୍ତ୍ର ଦିବସ ପରେଡ ଦେଶର ସାଂସ୍କୃତିକ ବିବିଧତା ଏବଂ ସାମରିକ ଦକ୍ଷତାର ଅନନ୍ୟ ପ୍ରଦର୍ଶନ ହେବ । ସମ୍ବିଧାନ ପ୍ରଣୟନର ୭୫ବର୍ଷ ଏବଂ ଜନଭାଗିଦାରୀ ଉପରେ ପରେଡରେ ପ୍ରଦର୍ଶନ କରାଯିବ ବୋଲି ଜଣାପଡିଛି ।

ଚଳିତବର୍ଷ ବିଭିନ୍ନ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗର ୩୧ଟି ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ହେବ । ଚଳିତବର୍ଷ ଏହାର ବିଷୟ ରହିଛି 'ସ୍ୱର୍ଣ୍ଣିମ ଭାରତ-

ବିରାସତ୍ ଅର୍ ବିକାଶ' । ୨ଟି ପ୍ରଜ୍ଞାପନ ମେଢ଼ରେ ଭାରତୀୟ ସମ୍ବିଧାନର ୭୫ବର୍ଷକୁ ଦର୍ଶାଯିବ ।

ଅନ୍ୟ ପ୍ରଦର୍ଶନୀ ମେଢ଼ରେ ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଏବଂ ଭାରତୀୟ ପାଣିପାଗ ବିଭାଗ ସମେତ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ ସ୍ଥାନ ପାଇବ । ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ପରେଡରେ ଦେଶର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ୩୦୦ ସାଂସ୍କୃତିକ କଳାକାର ସାରେ ଜାହାଁସେ ଆଚ୍ଛା ବାଦ୍ୟଯନ୍ତ୍ର ମାଧ୍ୟମରେ ପରିବେଷଣ କରିବେ ।

## ଜେପିସି

ୱାକ୍‌ଅଫ୍ ସଂଶୋଧନ ବିଲ୍ ଉପରେ ଗଠିତ ଯୁଗ୍ମ ସଂସଦୀୟ କମିଟି ଆଜି ଓ ଆସନ୍ତାକାଲି ବୈଠକ କରିବ । ବିଜେପି ସାଂସଦ ଜଗଦମ୍ବିକା ପାଲ୍‌ଙ୍କ ନେତୃତ୍ୱରେ ଗଠିତ ସଂସଦୀୟ କମିଟି ଆଗାମୀ ବଜେଟ୍ ଅଧିବେଶନର ଶେଷ ଦିନରେ ଏହି ବିଲ୍ ଉପରେ ଚୂଡାନ୍ତ ରିପୋର୍ଟ ଦାଖଲ କରିବାର ସମ୍ଭାବନା ରହିଛି । ଚଳିତମାସ ୩୧ରୁ ବଜେଟ୍ ଅଧିବେଶନ ଆରମ୍ଭ ହୋଇ ଏପ୍ରିଲ ୪ ତାରିଖରେ ଶେଷ ହେବ । ଏବେ ପାଟ୍‌ନା, କୋଲକାତା

ଏବଂ ଲକ୍ଷ୍ନୌ ଗସ୍ତରେ ଥିବା ସଦସ୍ୟମାନେ ସ୍ଥାନୀୟ ଓ୍ୱାକ୍ ଅଫ୍ ବୋର୍ଡ ଏବଂ ସଂଖ୍ୟାଲଘୁ କଲ୍ୟାଣ ବିଭାଗର ପ୍ରତିନିଧିମାନଙ୍କ ସହ ଆଲୋଚନା କରୁଛନ୍ତି । ସୂଚନା ଅନୁଯାୟୀ ଲକ୍ଷ୍ନୌରେ ଉତ୍ତରପ୍ରଦେଶ ଓ୍ୱାକ୍ଅଫ୍ ବୋର୍ଡର ପ୍ରତିନିଧି ଏବଂ ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରଣାଳୟର ଅଧିକାରୀମାନଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ସୂଚନାଯୋଗ୍ୟ ଗତବର୍ଷ ଅଗଷ୍ଟ ମାସରେ ଲୋକସଭାରେ ଏହି ବିଲ୍ ଆଗତ ହେବା ପରେ ବିରୋଧୀ ଦଳ ଗୁଡ଼ିକର ଦାବିକୁ ଦୃଷ୍ଟିରେ ରଖି ଯୁଗ୍ମ ସଂସଦୀୟ କମିଟିକୁ ପଠା ଯାଇଥିଲା ।

## ଅମିତ ଶାହା

କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହା ଆଜି ମୁମ୍ବାଇରେ ଜାତୀୟ ସହରାଞ୍ଚଳ ଅର୍ଥ ଓ ବିକାଶ ନିଗମର କର୍ପୋରେଟ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିବେ । ଏହି ଅବସରରେ ସମବାୟ କ୍ଷେତ୍ରରେ ପ୍ରଧାନନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ‘ସହକାର ସେ ସମୃଦ୍ଧି’ ଲକ୍ଷ୍ୟକୁ ଆହୁରି ସୁଦୃଢ଼ କରିବା ପାଇଁ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ଶୁଭାରମ୍ଭ କରାଯିବ । ଶ୍ରୀ

ଶାହା ୨୦୨୫ ବର୍ଷ ପାଇଁ ସମବାୟ କ୍ୟାଲେଣ୍ଡର ଉନ୍ମୋଚନ କରିବେ । ଆଜିଠାରୁ ଦେଶର ୧୦ହଜାର ନୂତନଭାବେ ଗଠିତ ବହୁମୂଖୀ ସମବାୟ ସମିତି ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ ହେବ । ସହରାଞ୍ଚଳ ସମବାୟ ବ୍ୟାଙ୍କଗୁଡ଼ିକ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ଜାତୀୟ ସହରାଞ୍ଚଳ ସମବାୟ ଅର୍ଥ ଓ ଉନ୍ନୟନ ନିଗମ ଗଠନକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ସୂଚନା ଅନୁଯାୟୀ ଏହାଦ୍ୱାରା ଏକହଜାର ୫୦୦ରୁ ଅଧିକ ସହରାଞ୍ଚଳ ସମବାୟ ବ୍ୟାଙ୍କ ଆବଶ୍ୟକ ଭିତ୍ତିଭୂମି ଗଠନ କରିପାରିବେ ।

## ଭିପି ବିହାର

ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଆଜି ବିହାର ଗସ୍ତରେ ଯିବେ । ଭାରତରତ୍ନ କର୍ପୂରୀ ଠାକୁରଙ୍କ ୧୦୧ତମ ଜୟନ୍ତୀ ଅବସରରେ ଉପରାଷ୍ଟ୍ରପତି ବିହାରର ସମସ୍ତିପୁରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବେ । କର୍ପୂରୀ ଗ୍ରାମରେ ହେବାକୁ ଥିବା ଜୟନ୍ତୀ ସମାରୋହରେ ବିହାର ରାଜ୍ୟପାଳ ଆରିଫ୍ ମହମ୍ମଦ ଖାଁ, ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ, କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ, ଗୃହରାଷ୍ଟ୍ରମନ୍ତ୍ରୀ ନିତ୍ୟାନ୍ଦ ରାୟ ପ୍ରମୁଖ

ଯୋଗଦେବେ । ଏହି ଅବସରରେ କେନ୍ଦ୍ର କୃଷି ରାଷ୍ଟ୍ର ମନ୍ତ୍ରୀ ଭାଗିରଥ ଚୌଧୁରୀ, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଓ ବିଜୟ କୁମାର ସିହ୍ନା ଉପସ୍ଥିତ ରହିବେ ।

ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୂରୀ ଠାକୁରଙ୍କ ଜୟନ୍ତୀ ଅବସରରେ ଉପରାଷ୍ଟ୍ରପତି ସମସ୍ତିପୁରର ଗୋଖୁଲ ଫୁଲେସ୍ୱରୀ ମହାବିଦ୍ୟାଳୟରେ ଏକ ସ୍ମୃତି ବକ୍ତୃତା ପ୍ରଦାନ କରିବେ । କେନ୍ଦ୍ର କୃଷି ରାଷ୍ଟ୍ର ମନ୍ତ୍ରୀ ତଥା କର୍ପୂରୀ ଠାକୁରଙ୍କ ପୁଅ ରାମନାଥ ଠାକୁର କହିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସରଳ ଜୀବନ ଶୈଳୀକୁ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ମାଧ୍ୟମରେ ଉପସ୍ଥାପନ କରାଯିବ । ୧୯୨୪ ମସିହା ଜାନୁଆରୀ ୨୪ ତାରିଖରେ ଜନ୍ମଗ୍ରହଣ କରିଥିବା କର୍ପୂରୀ ଠାକୁର ୨ଥର ବିହାରର ମୁଖ୍ୟମନ୍ତ୍ରୀ ହୋଇଥିଲେ ।

## ଇସିଆ

ମୁଖ୍ୟ ନିର୍ବାଚନ ଅଧିକାରୀ ରାଜୀବ କୁମାର ନିର୍ବାଚନ ପରିଚାଳନା ପ୍ରଶାସନକୁ ସାଇବର ସୁରକ୍ଷା ସହିତ ଅପପ୍ରଚାରକୁ ରୋକିବା ପାଇଁ ଆହ୍ୱାନ ଦେଇଛନ୍ତି । ନୂଆଦିଲ୍ଲୀରେ ଭାରତୀୟ ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ ଗତକାଲିଠାରୁ ଆରମ୍ଭ ହୋଇଥିବା ଦୁଇ ଦିନିଆ ସମ୍ମିଳନୀର ଉଦ୍‌ଘାଟନୀ ସଭାରେ ଉଦ୍‌ବୋଧନ ଦେଇ ସେ ମତଦାତାଙ୍କ ଆସ୍ଥାଭାଜନ

ହେବା ସହିତ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ଲାଗି ଡିଜିଟାଲ୍ ଜ୍ଞାନକୌଶଳର ଉପଯୋଗ ଉପରେ ଗୁରୁତ୍ୱ ଦେଇଛନ୍ତି । ଜ୍ଞାନକୌଶଳ ଦ୍ୱାରା ପର୍ଯ୍ୟାପ୍ତ ସୁଯୋଗ ମିଳୁଥିବା ବେଳେ ଏହାଦ୍ୱାରା ଅପପ୍ରଚାର ଓ ସାଇବର ସିକ୍ୟୁରିଟି ପ୍ରତି ବିପଦ ଭଳି ଆହ୍ୱାନ ରହିଥିବା ସେ କହିଛନ୍ତି ।

ମୁଖ୍ୟ ନିର୍ବାଚନ ଅଧିକାରୀ ରାଜୀବ କୁମାର ଆଗାମୀ ଦିନର ନିର୍ବାଚନରେ କୃତ୍ରିମ ବୁଦ୍ଧିମତା, ବାୟୋମେଟ୍ରିକ୍ ଜ୍ଞାନକୌଶଳ ଓ ଅନ୍‌ଲାଇନ୍ ମତଦାନ ଭଳି ଜ୍ଞାନକୌଶଳର ଉପଯୋଗ ହେବ ବୋଲି କହିଛନ୍ତି । ନିର୍ବାଚନକୁ ଅଧିକ ସମାବେଶୀ, ପାରଦର୍ଶୀ ଓ ସ୍ୱଚ୍ଛ କରିବା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ ସହିତ ଏ ଦିଗରେ ରହିଥିବା ସୁଯୋଗର ଅନୁଶୀଳନ କରିବା ପାଇଁ ସେ ସମ୍ମିଳନୀରେ ଭାଗ ନେଇଥିବା ପ୍ରତିନିଧିମାନଙ୍କୁ ଆହ୍ୱାନ ଦେଇଛନ୍ତି ।

ଏହି ସମ୍ମିଳନୀରେ ୧୩ଟି ଦେଶ ଓ ବିଶ୍ୱସ୍ତରୀୟ ଅନୁଷ୍ଠାନର ୩୦ ଜଣ ପ୍ରତିନିଧି ଯୋଗ ଦେଇଛନ୍ତି ।

ସମ୍ମିଳନୀର ପ୍ରଥମ ଦିନରେ ନିର୍ବାଚନ ପରିଚାଳନାରେ ପ୍ରଯୁକ୍ତି ବିଦ୍ୟାର ଭୂମିକା, ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମର ଉପଯୋଗର ପ୍ରଭାବ ସହିତ ନିର୍ବାଚନ ପରିଚାଳନାରେ ଦକ୍ଷତା ବୃଦ୍ଧି, ପ୍ରଶିକ୍ଷଣ ଏବଂ ଆନ୍ତର୍ଜାତିକ ସହଯୋଗ ଆଧାରିତ ଏକାଧିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା ।

ଦ୍ୱିତୀୟ ଦିନରେ ଆଜି ନିର୍ବାଚନର ଭବିଷ୍ୟତ ଶୀର୍ଷକ ଅଧିବେଶନ ଅନୁଷ୍ଠିତ ହେବ ।

## ମହାକୁମ୍ଭ-କଲଚରାଲ ହେରିଟେଜ

ଚଳିତବର୍ଷର ମହାକୁମ୍ଭ ମେଳା ଦେଶର ଭବ୍ୟତା ଏବଂ ଆଧ୍ୟାତ୍ମିକତାର ବଳିଷ୍ଠ ନିଦର୍ଶନ ଭାବେ ଉଭା ହୋଇଛି । ଅତ୍ୟାଧୁନିକ ଜ୍ଞାନକୌଶଳ ଏବଂ ଦୀର୍ଘକାଳୀନ ଯୋଜନା ସହିତ ଅଭୂତପୂର୍ବ ପ୍ରସ୍ତୁତି ମହାକୁମ୍ଭ-୨୦୨୫କୁ ବିଶ୍ୱ ସାଂସ୍କୃତିକ ମାନଚିତ୍ରରେ ଶ୍ରେଷ୍ଠତା ପ୍ରତିପାଦିତ କରିଛି । ପବିତ୍ର ଅମୃତ ସ୍ନାନଠାରୁ ଆରମ୍ଭ କରି ଆଖଡା ଶୋଭାଯାତ୍ରା ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଏହି ଭବ୍ୟ ସମାରୋହରେ ୪୫କୋଟିରୁ ଅଧିକ ଶ୍ରଦ୍ଧାଳୁ ଓ ତୀର୍ଥଯାତ୍ରୀ ଯୋଗଦେବେ ବୋଲି ଆଶା କରାଯାଉଛି । ବିଶ୍ୱସ୍ତରରେ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ଅର୍ଥନୈତିକ ସମୃଦ୍ଧି ପ୍ରଦର୍ଶନ କରିବା ଲାଗି ମହାକୁମ୍ଭ ଏକ ପ୍ରକୃଷ୍ଟ ମଞ୍ଚ ସାବ୍ୟସ୍ତ ହୋଇଛି । ମହାକୁମ୍ଭରେ ଯୋଗଦେବା ଲାଗି ପ୍ରତିଦିନ ବହୁସଂଖ୍ୟାରେ ଭକ୍ତ ଓ ତୀର୍ଥଯାତ୍ରୀ ପ୍ରୟାଗରାଜରେ ପହଞ୍ଚିଛନ୍ତି ।

ଏପର୍ଯ୍ୟନ୍ତ ୧୦କୋଟିରୁ ଅଧିକ ଶ୍ରଦ୍ଧାଳୁ ତ୍ରିବେଣୀ ସଂଗମରେ ସ୍ନାନ କରିସାରିଛନ୍ତି । ଚଳିତମାସ ୧୩ ତାରିଖରୁ ଆରମ୍ଭ ହୋଇଥିବା ୪୫ ଦିନିଆ ମହାକୁମ୍ଭ ଫେବୃୟାରୀ ୨୬ ତାରିଖ ଯାଏଁ ଚାଲିବ ।

## ନ୍ୟାସନାଲ ସ୍କୁଲ ବ୍ୟାଣ୍ଡ ଫାଇନାଲ

ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଜାତୀୟ ଷ୍ଟାଡିୟମରେ ଆଜିଠାରୁ ୨୫ ତାରିଖ ପର୍ଯ୍ୟନ୍ତ ଜାତୀୟ ବିଦ୍ୟାଳୟ ବ୍ୟାଣ୍ଡ ପ୍ରତିଯୋଗିତା ୬.୦ର ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହେବ । ପ୍ରତିରକ୍ଷା ମନ୍ତ୍ରଣାଳୟର ସହଯୋଗରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏହି ଗ୍ରାଣ୍ଡ ଫିନାଲେ ଆୟୋଜନ କରାଯିବ । ଚଳିତବର୍ଷ ରାଜ୍ୟ ଏବଂ ଜୋନାଲ ସ୍ତରୀୟ ପ୍ରତିଯୋଗିତା ମାଧ୍ୟମରେ ୧୩ଟି ରାଜ୍ୟରୁ ୧୬ଟି ବ୍ୟାଣ୍ଡ ଦଳକୁ ଫାଇନାଲ ପାଇଁ ଚୟନ କରାଯାଇଛି । ପ୍ରଥମଥର ପାଇଁ ୩ଟି ସରକାରୀ ବିଦ୍ୟାଳୟର ବ୍ୟାଣ୍ଡ ଦଳ ସାଧାରଣତନ୍ତ୍ର ଦିବସ ପରେଡରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଛନ୍ତି ।

# ହକି

ଓଡ଼ିଶା ଓ୍ୱାରିୟର୍ସ ପ୍ରଥମ ଦଳ ଭାବେ ମହିଳା ହକି ଇଣ୍ଡିଆ ଲିଗ୍‌ର ଫାଇନାଲକୁ ଉନ୍ନୀତ ହୋଇଛି । ଗତକାଲି ଝାଡ଼ଖଣ୍ଡର ରାଞ୍ଚିରେ ଅନୁଷ୍ଠିତ ମ୍ୟାଚ୍‌ରେ ଦିଲ୍ଲୀ ଏସ୍.ଜି. ପାଇପର୍ସଠାରୁ ୩-୨ ସୁଟ୍‌ଆଉଟ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ଓଡ଼ିଶା ଓ୍ୱାରିୟର୍ସ ଏହି ଯୋଗ୍ୟତା ହାସଲ କରିଛି ।

ଅନ୍ୟପକ୍ଷରେ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ପୁରୁଷ ବର୍ଗରେ ଗତକାଲି ରାତିରେ ପୁଲ୍-ବିର ଏକ ମ୍ୟାଚ୍ ୨-୨ ଗୋଲ୍‌ରେ ଡ୍ର ହେବା ପରେ ତାମିଲନାଡୁ ଡ୍ରାଗନ୍ସ ୪-୩ ଗୋଲରେ ହାଇଦ୍ରାବାଦ ତୋଫାନ୍ସକୁ ପରାସ୍ତ କରିଛି ।

ଆଜି ସଂଧ୍ୟା ୬ଟାରେ ମହିଳା ବର୍ଗରେ ସୁର୍‌ମା ହକି କ୍ଲବ ଓ ସ୍ରାଚିରାର ବେଙ୍ଗଲ ଟାଇଗର୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଥିବାବେଳେ ପୁରୁଷ ବର୍ଗରେ ରାତି ୮ଟା ୧୫ ମିନିଟ୍‌ରେ ସ୍ରାଚିରାର ବେଙ୍ଗଲ ଟାଇଗର୍ସ ଓ କଳିଙ୍ଗ ଲାନ୍ସର୍ସ ମଧ୍ୟରେ ମୁକାବିଲା ହେବ ।